ଶନିବାର, ୧୧ ଫେବୃୟାରୀ, ୨୦୨୩

# ପିଲାଙ୍କ ଧରିତ୍ରୀ



୭ ଜଣା ଅଜଣା

୮ ଆଇନା

୬ କହିଲ ଦେଖି

# ଗପ: କାହାକୁ ଛୋଟ ଭାବିବା ନାହିଁ

ପିଲାମାନଙ୍କୁ ଉତ୍ତମ ରୂପେ ଗଢି ତୋଳିବାକୁ ଛୋଟବେଳରୁ ହିଁ ସବୁ ପ୍ରକାରର ଶିକ୍ଷା ଦେବାକୁ ପଡ଼ିବ। ଦେଶ ନିର୍ମାଣରେ ଅନେକ ଛୋଟ ବଡ଼ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। କିନ୍ତୁ ସବୁ ବିପଦକୁ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା କରିବାକୁ ହେବ। କିନ୍ତୁ କେବେ କାହାକୁ ତୁଚ୍ଛ ବା ଛୋଟ ଭାବିବ ନାହିଁ। ଏହି କ୍ରମରେ ଆଜି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୀବନୀ ବିଷୟରେ କିଛି ଜାଣିବା।



ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଜଣେ ଶ୍ରେଷ୍ଠ ମହର୍ଷି ହେବା ସହିତ ସମାଜ ସଂସ୍କାରକ ମଧ୍ୟ। ତାଙ୍କ ଜୀବନର ଅନେକ ମହନୀୟ ଘଟଣା ଆମମାନଙ୍କୁ ସତ୍ ପଥରେ ପରିଚାଳିତ କରିବା ପାଇଁ ପ୍ରେରଣା ଓ ଦିଗ୍‌ଦର୍ଶନ ପ୍ରଦାନ କରିପାରିବ। ଦିନେ ସ୍ୱାମୀ ଦୟାନନ୍ଦ ପରିଭ୍ରମଣରେ ବୁଲୁ ବୁଲୁ ପବିତ୍ର ଗଙ୍ଗା ନଦୀ କୂଳରେ ଏକ କୁଡ଼ିଆରେ ଆଶ୍ରୟ ନେବାକୁ ଇଚ୍ଛା କଲେ। ସେ ଯେଉଁଠାରେ ଆଶ୍ରୟ ନେଉଥିଲେ, ଅଳ୍ପ ଦୂରରେ ଆଉ ଜଣେ ସନ୍ନ୍ୟାସୀ ମଧ୍ୟ ରହୁଥିଲେ। ସ୍ୱାମୀ ଦୟାନନ୍ଦଙ୍କ ପାଖକୁ ଅନେକ ଲୋକ ଧର୍ମ ଜ୍ଞାନ ଆଲୋଚନା ପାଇଁ ଆସୁଥାନ୍ତି। ମାତ୍ର ନିକଟରେ ଥିବା ଅନ୍ୟ ସନ୍ନ୍ୟାସୀଙ୍କର ସେଭଳି ଜ୍ଞାନ ନ ଥିବାରୁ ତାଙ୍କ ପାଖକୁ କେହି ଆସୁ ନ ଥିଲେ। ତେଣୁ ଦୟାନନ୍ଦଙ୍କ ପ୍ରତିଭାକୁ ସେ ଜମାରୁ ସହ୍ୟ କରିପାରୁ ନ ଥିଲେ। ପ୍ରତିଦିନ ସେ ସ୍ୱାମିଜୀଙ୍କୁ ଗାଳି ଦେଉଥିଲେ ଓ ସମାଲୋଚନା କରୁଥିଲେ। ଏ କଥା ଯେତେବେଳେ ସ୍ୱାମିଜୀ ଜାଣିପାରିଲେ ଟିକେ ମଧ୍ୟ ଚିନ୍ତିତ କିମ୍ବା ବିଚଳିତ ହେଲେ ନାହିଁ।

ଦିନକର ଘଟଣା। ଜଣେ ଭକ୍ତ କିଛି ଫଳ ସ୍ୱାମିଜୀଙ୍କୁ ଭେଟି ଆକାରରେ ପ୍ରଦାନ କଲେ। ସ୍ୱାମୀ ଦୟାନନ୍ଦ ସେଥିରୁ କିଛି ଫଳ ଗାଳି କରୁଥିବା ସନ୍ନ୍ୟାସୀଙ୍କ ନିକଟକୁ ଜଣେ ଶିଷ୍ୟଙ୍କ ହାତରେ ପଠାଇଦେଲେ। ଶିଷ୍ୟ ଜଣକ ସେହି ସାଧୁବାବାଙ୍କ ନିକଟକୁ ଯାଇ ସ୍ୱାମିଜୀ ଦେଇଥିବା ଫଳକୁ ଗ୍ରହଣ କରିବା ପାଇଁ ଅନୁରୋଧ କଲେ। କିନ୍ତୁ ସାଧୁବାବା ସ୍ୱାମିଜୀଙ୍କ ନାମ ଶୁଣି କ୍ରୋଧରେ କହି ଉଠିଲେ, ଆରେ ମୂର୍ଖ ! ତୁ ସକାଳୁ କାହା ନାମ ଧରିଲୁ, ଆଜି ମତେ ଆଉ ଭୋଜନ ମିଳିବ ନାହିଁ! ଯା ! ସେ ମୋ ପାଖକୁ କାହିଁକି ଫଳ ପଠାଇବ ? ଆଉ କାହା ପାଖକୁ ପଠେଇଥିବ, ନେଇ ଯାଅ। ଶିଷ୍ୟ ଜଣକ ଫେରି ଆସି ସବୁ କଥା ସ୍ୱାମିଜୀଙ୍କୁ ଜଣାଇଲେ। ସବୁ ଶୁଣି ସ୍ୱାମିଜୀ କହିଲେ, ତାଙ୍କୁ ଯାଇ କହିବ, ସବୁଦିନ ଗାଳି କରି କରି ତାଙ୍କର ଅନେକ ଶକ୍ତି ଅଯଥାରେ ନଷ୍ଟ ହୋଇଛି, ତେଣୁ ସାଧୁଙ୍କ ଅମୃତ ବର୍ଷଣ ବାଣୀ ନିମନ୍ତେ ମୁଁ ସେହି ଫଳ ତାଙ୍କ ପାଖକୁ ସେବନ କରିବା ପାଇଁ ପଠାଇଛି। ସ୍ୱାମିଜୀଙ୍କ କଥାନୁସାରେ ଶିଷ୍ୟ ସାଧୁଙ୍କ ନିକଟକୁ ଯାଇ ସବୁ ବୃତ୍ତାନ୍ତ କହିଲେ। ହଠାତ୍ ସାଧୁଙ୍କ ମନରେ ପରିବର୍ତ୍ତନ ଦେଖାଗଲା। ଭାବିଲେ ସ୍ୱାମୀଜୀଙ୍କୁ ସବୁଦିନ ଗାଳି କରୁଥିଲେ ବି ସେ ତାଙ୍କର ମହାନତା ଦେଖାଇ ତାଙ୍କ ପାଖକୁ ଫଳ ପଠାଇଛନ୍ତି। ସଙ୍ଗେ ସଙ୍ଗେ ସେ ସ୍ୱାମୀ ଦୟାନନ୍ଦଙ୍କ ନିକଟକୁ ଯାଇ କହିଲେ, ସ୍ୱାମିଜୀ ମୋତେ କ୍ଷମାକରି ଦିଅନ୍ତୁ। ଆପଣଙ୍କୁ ଜଣେ ଭଣ୍ଡ ତଥା ସାଧାରଣ ମଣିଷ ବୋଲି ଭାବୁଥିଲି। ମାତ୍ର ଆଜି ଜାଣିଲି, ପ୍ରକୃତରେ ଆପଣ ଜଣେ ଜ୍ଞାନୀ ମହାପୁରୁଷ। ଆପଣ ମୋ ଆଖି ଖୋଲି ଦେଇଛନ୍ତି। ସ୍ୱାମିଜୀ ସାଧୁଙ୍କୁ ଆଲିଙ୍ଗନ କରି କହିଲେ, ଭଗବାନଙ୍କ ସୃଷ୍ଟିରେ ଆମେ ସମସ୍ତେ ସମାନ। କାହାରିକୁ ନ୍ୟୁନ ବା ଛୋଟ ମନେକରିବା ଉଚିତ ନୁହେଁ। ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ କର୍ମରେ ମହାନ୍। ତେଣୁ ସମସ୍ତଙ୍କୁ ସମ୍ମାନ କରିବା ଆବଶ୍ୟକ।

**– ପ୍ରଭାତ କୁମାର ମହାପାତ୍ର**
କୋରାପୁଟ, ମୋ: ୭୮୯୪୦୦୫୪୫୫

## ଖିଲି ଖିଲି ହସ

ମୁଁ ପ୍ରଥମେ ଭଡ଼ା ଦେଇ ଏକା ରହୁଥିଲି। ଦିନେ ମୁଁ ଶେୟାର ମାର୍କେଟ୍ ବିଷୟରେ ଆମ ଘର ମାଲିକଙ୍କୁ କହିଲି, ଏବେ ଆମେ ଦୁଇଜଣ ସାଙ୍ଗ ହୋଇ ଭଡ଼ାରେ ରହୁଛୁ।

ଦୋକାନୀ: ମୁଁ ତୁମକୁ ଗୋଟି ଗୋଟି କରି ସବୁ ଚପଲ ଦେଖାଇ ସାରିଲିଣି ,ଏବେ ତ ଆଉ ଗୋଟେ ବି ଡବା ଖାଲି ନାହିଁ।
କଷ୍ଟମର: ସେ ସାମ୍ନାରେ ଯେଉଁ ଡବା ଅଛି, ମୋତେ ଟିକେ ସେଇଟା ଦେଖାଇଦିଅ !
ଦୋକାନୀ: ଆଜ୍ଞା, ମୋତେ ଟିକେ ଦୟା କରନ୍ତୁ, ସେଥିରେ ମୋର ଲଞ୍ଚ୍ ଅଛି।

ଟିଟୁ: ମୋ ଜେଜେ ଏତେ ଭୁଲାଣିଆ ଥିଲେ ଯେ ସେ ଜାଳେଣି ବେଡ୍‌ରେ ଥୋଇ ତଳେ ଘରକୋଣରେ ଶୋଇ ପଡୁଥିଲେ।
ଶିଟୁ: ଇଏତ କିଛି ନୁହଁ।
ଟିଟୁ: କେମିତି ?
ଶିଟୁ: ମୋ ଜେଜେ ଏତେ ଭୁଲାଣିଆ ଥିଲେ ଯେ, ସେ ପାନ ଚୋବାଇ ଖଟ ଉପରେ ଥୁକି ଦେଉଥିବା ବେଳେ ନିଜେ ଝରକାବାଟେ ତଳକୁ ଡେଇଁ ପଡୁଥିଲେ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ପ୍ୟାଡେଲ୍ ନ ଥିବା ସାଇକେଲ

ସାଇକେଲ କଥା ଉଠିଲେ ମନକୁ ଆସେ ପେଡାଲ୍ ଚାଳିତ ଦୁଇଚକିଆ ଯାନ, ଯାହାକୁ ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଚଲାଇବାକୁ ପସନ୍ଦ କରନ୍ତି। କିନ୍ତୁ ଏବେ ଏକ ଭିନ୍ନ ଧରଣର ସାଇକେଲ ଆସିଛି, ଯାହାର ପ୍ୟାଡେଲ୍ ନାହିଁ କି ବସିବାକୁ ସିଟ୍ ବି ନାହିଁ। ସାଇକେଲର ନାଁ ହେଉଛି ଫ୍ଲିଜ୍। ବସିବା ପରିବର୍ତ୍ତେ ସାଇକେଲ ଆରୋହୀ ଏଥିରେ ଟାଙ୍ଗି ହୋଇ ରହିବେ। ଆଶ୍ଚର୍ଯ୍ୟ ଲାଗୁଛି ନା। ସିଟ୍ ସ୍ଥାନରୁ ହ୍ୟାଣ୍ଡେଲ ଯାଏ ଏକ ରଡ୍ ଲାଗିଛି। ଏହି ରଡ୍‌ରେ ଲାଗିଥିବା ବେଲ୍ଟ ବାନ୍ଧି ଆରୋହୀ ତଳଆଡକୁ ଝୁଲି ରହିବେ ଏବଂ ଝୁଲନ୍ତା ଅବସ୍ଥାରେ ଦୌଡି ଦୌଡି ସାଇକେଲ ଚଲାଇବେ। ପଛ ଚକର ଦୁଇ ପାର୍ଶ୍ୱରେ ପାଦ ରଖିବାକୁ ସ୍ଥାନ ଅଛି। ଆରୋହୀ ବିଶ୍ରାମ ନେବା ସମୟରେ ଏହା ଉପରେ ପାଦ ରଖି ପାରିବେ। ମୁଣ୍ଡ ଉପର ଦେଇ ଯାଇଥିବା ରଡ୍‌ଟି ଗ୍ଲାସ୍ ଓ କାର୍ବନ୍ ଫାଇବର୍‌ରେ ତିଆରି। ସାଇକେଲଟି ୬ଫୁଟ୍ ଉଚ୍ଚତାର ଲୋକଙ୍କ ପାଇଁ ପ୍ରସ୍ତୁତ କରାଯାଇଛି।



## ମତାମତ

▸▸ ପ୍ରଚ୍ଛଦ ପ୍ରସଙ୍ଗ 'ପରୀକ୍ଷା ପ୍ରସ୍ତୁତି' ବିଷୟରୁ ପିଲାମାନେ କିଭଳି ପରୀକ୍ଷା ନେଇ ପ୍ଲାନିଂ କରିଛନ୍ତି ଜାଣିବାକୁ ପାଇଲି ।
**–ମୋନାଲିସା ସ୍ୱାଇଁ,** ଗୋପାଳପୁର, ଖୋର୍ଦ୍ଧା

▸▸ ଏ ସପ୍ତାହରେ ପ୍ରକାଶିତ 'ଅନ୍ୟକୁ ସାହାଯ୍ୟ କର' ଗପଟି ଶିକ୍ଷଣୀୟ ହୋଇପାରିଛି।
**– ମାନସ ସାହୁ,** ଡୁବୁରୀ, ଯାଜପୁର

▸▸ 'ଖିଲି ଖିଲି ହସ' ସ୍ତମ୍ଭରେ ପ୍ରକାଶିତ ମୂଷା ଓ ବାଘଛୁଆଙ୍କ କଥା ପଢ଼ି ଖୁବ୍ ହସିଲି।
**– ନିକିତା ଷଡ଼ଙ୍ଗୀ,** ଟିଟିଲାଗଡ଼, ବଲାଙ୍ଗୀର

▸▸ 'ଆଇନା' ସ୍ତମ୍ଭରେ ଦୁଇ ପିଲାଙ୍କ ଫଟୋ ସୁନ୍ଦର ହୋଇଛି।
**–ଅଦିତି ମହାନ୍ତି,** ଖଲ୍ଲିକୋଟ୍, ବ୍ରହ୍ମପୁର

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ବିଶ୍ୱ ଐତିହ୍ୟସ୍ଥଳ

**ତୁମ ପଢ଼ିବା ପାଇଁ**

ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ ସଂସ୍ଥା ୟୁନେସ୍କୋ ପୃଥିବୀର କେତୋଟି ବିଶିଷ୍ଟ ପ୍ରାଚୀନ କୀର୍ତ୍ତି ଓ ସୌନ୍ଦର୍ଯ୍ୟଭରା ସ୍ଥଳକୁ ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ଘୋଷଣା କରି ଏଗୁଡିକର ରକ୍ଷଣାବେକ୍ଷଣରେ ସାହାଯ୍ୟ କରୁଛି। ଉଭୟ ପ୍ରାକୃତିକ ଓ ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ସ୍ଥଳଗୁଡ଼ିକ ମଧ୍ୟରେ ଅନେକ ପୁରୁଣା ମନ୍ଦିର, କୋଠା ଓ ସହର ସହିତ କେତେକ ପାହାଡ଼, ପର୍ବତ, ହ୍ରଦ, ଦ୍ୱୀପ ଆଦି ଅଛି। ତେଣୁ ତୁମେମାନେ ଏସବୁ ବିଷୟରେ ଜାଣିବା ପାଇଁ ଇଂ. ମାୟାଧର ସ୍ୱାଇଁଙ୍କ ଲିଖିତ ବିଶ୍ୱ ଐତିହ୍ୟସ୍ଥଳ ପୁସ୍ତକରେ ୩୨ଟି ଐତିହ୍ୟସ୍ଥଳର ବର୍ଣ୍ଣନା କରାଯାଇଛି। ଏହି ପୁସ୍ତକରେ ୟଲୋଷ୍ଟୋନ୍ ଜାତୀୟ ଉଦ୍ୟାନ, ଗିଜା ପିରାମିଡ୍, ସାଗରମଥା ଜାତୀୟ ଉଦ୍ୟାନ, ତକ୍ଷଶିଳା, ଶିବମ୍ ସହର, ମଚୁ ପିଚ୍ଚୁ, ପେଟ୍ରା, ପ୍ରଥମ କୁଇନ୍ ସମ୍ରାଟଙ୍କ ସମାଧିସ୍ଥଳ, ନିଷିଦ୍ଧ ସହର, ଚିଚେନ୍ ଇଜା ଓ ବୋରବଦୁର ମନ୍ଦିର ଇତ୍ୟାଦି ଐତିହ୍ୟ ସ୍ଥଳ ରହିଛି। ଏହାର ମୂଲ୍ୟ ରହିଛି ୧୦୦ଟଙ୍କା। ଯୋଗାଯୋଗ- ଇଂ.ମାୟାଧର ସ୍ୱାଇଁ, ଲକ୍ଷ୍ମୀବିହାର, ଫେଜ୍-୧, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର। ମୋ: ୯୪୩୮୬୯୩୭୨୪




## ରଙ୍ଗ ଦିଅ





ପିଲାଟିଏ ସଂସ୍କାର ଓ ଶିଷ୍ଟାଚାର ତା' ନିଜ ମାତାପିତା, ଗୁରୁଜନଙ୍କଠାରୁ ଗ୍ରହଣ କରିଥାଏ। ପିଲାର ମାନସିକ ବିକାଶ ପାଇଁ ଏହାର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଛୋଟବେଳୁ ପିଲାଟି ଶିଖିଥିବା ଆଚାର ବ୍ୟବହାର ତା'ର ଭବିଷ୍ୟତକୁ ସୁନ୍ଦର କରି ଗଢ଼ି ତୋଳିବାରେ ସହାୟ ହୋଇଥାଏ.....

# ବ୍ୟାବହାରିକ ଶିକ୍ଷା

ପିଲାମାନଙ୍କୁ କେବଳ ପାଠପଢ଼ା ନୁହେଁ, ଉତ୍ତମ ବ୍ୟବହାର ମଧ୍ୟ ଆହୁରି ପ୍ରଶଂସିତ କରିଥାଏ। ତେଣୁ ସେମାନଙ୍କ ପାଇଁ ଭଲ ଶିକ୍ଷା ଓ ସଂସ୍କାର ଅତି ଜରୁରୀ। ପିଲାର ସଂସ୍କାର ଓ ଶିଷ୍ଟାଚାର ନିଜ ପାଇଁ ନୁହେଁ, ସମାଜ ଲାଗି ଏକ ଉଦାହରଣ ହୋଇପାରେ। ପିଲାଟିଏ ସଂସ୍କାର ଓ ଶିଷ୍ଟାଚାର ନିଜ ମାତାପିତା, ଗୁରୁଜନଙ୍କଠାରୁ ଗ୍ରହଣ କରିଥାଏ। ପିଲାର ମାନସିକ ବିକାଶ ପାଇଁ ଏହାର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଛୋଟବେଳୁ ପିଲାଟି ଶିଖିଥିବା ଆଚାର ବ୍ୟବହାର ତାହାର ଭବିଷ୍ୟତକୁ ସୁନ୍ଦର କରି ଗଢ଼ି ତୋଳିଥାଏ। ତେଣୁ ଏ ନେଇ କେବଳ ପିଲାଟିର ଉତ୍ସାହ ରହିଲେ ହେବ ନାହିଁ, ମା'ବାପା ଏ କ୍ଷେତ୍ରରେ ନିଜର ଭୂମିକାକୁ ଠିକ୍ ଭାବରେ ତୁଲାଇବା ଦରକାର। ଏ ସମ୍ପର୍କିତ କେତୋଟି ଜାଣିବା କଥା...

## ପ୍ଲିଜ-ଥ୍ୟାଙ୍କ୍ ୟୁ-ସରି କୁହନ୍ତୁ

ଅନ୍ୟମାନଙ୍କୁ ପ୍ଲିଜ୍, ଥ୍ୟାଙ୍କ ୟୁ ବା ଧନ୍ୟବାଦ ଏବଂ ସରି କହିବା ଏକ ସାଧାରଣ ଶିଷ୍ଟାଚାର, ଯାହା ପିଲାକୁ ପ୍ରଥମରୁ ଶିଖାଇବା ନିହାତି ଜରୁରୀ। ଛୋଟବେଳୁ ସେମାନଙ୍କୁ ଏହି ଶବ୍ଦଗୁଡିକର ମହତ୍ତ୍ୱ ବିଷୟରେ କୁହନ୍ତୁ। ଯେତେବେଳେ ଆମେ କାହାକୁ କ'ଣ ପଚାରୁଛେ, ସେ ସମୟରେ ନମ୍ର ଭାବେ କଥା ହେବା ଦରକାର। କାହାର ସାହାଯ୍ୟ ନେବା ସମୟରେ ଥାଙ୍କ୍ ୟୁ କହିବା। ଯଦି ମାତାପିତା ପିଲାଠୁ କିଛି ନେଉଛନ୍ତି, ତେବେ 'ପ୍ଲିଜ୍' କହି ନିଅନ୍ତୁ କିମ୍ବା ଯଦି କିଛି ଭୁଲ୍ କରୁଛନ୍ତି ତେବେ 'ସରି' କୁହନ୍ତୁ। ଏପରି କରିବା ଦ୍ୱାରା ପିଲା ଆପଣଙ୍କଠୁ କିଛି ଶିଖିପାରିବ।

## କିଛି ନେବା ପୂର୍ବରୁ....

ଯଦି ପିଲାକୁ କିଛି ଦରକାର, ତେବେ ପଚାରି ବୁଝିବାର ଅଭ୍ୟାସ ପିଲାକୁ ଶିଖାନ୍ତୁ। ଯଦି ପିଲା କାହାର ଜିନିଷ ନେଉଛି, ତେବେ ପିଲା ପ୍ରଥମେ ପଚାରିବ 'ମୁଁ ନେଇପାରେ କି?' କାହାକୁ ନ ପଚାରି କାହା ଜିନିଷ ଉଠାଇବା ଉଚିତ ନୁହେଁ। ଯଦି ପିଲା କୌଣସି ଜିନିଷ କାହାଠୁ ଆଣିଛି, ଫେରାଇବା ସମୟରେ ତାଙ୍କୁ 'ଥ୍ୟାଙ୍କ୍ ୟୁ' କହିବାକୁ ଭୁଲନ୍ତୁ ନାହିଁ।

## ରୁମ୍ ଡୋର ନକ୍ କରିବା ଶିଖାନ୍ତୁ

କାହା ରୁମ୍‌କୁ ଯିବା ପୂର୍ବରୁ କବାଟ ଠକ୍‌ଠକ୍ କରିବା ଦରକାର। ଏହାକୁ ଆପଣ ପିଲାକୁ ଶିଖାଇ ପାରିବେ। ଯଦି ପିଲାର ରୁମ୍ ଅଲଗା, ତେବେ ତା' ରୁମ୍ ଭିତରକୁ ଯିବା ପୂର୍ବରୁ ଠକ୍‌ଠକ୍ କରି ଯିବା ଦରକାର। ଯେତେବେଳେ ପିଲା ଘରୁ ବାହାରକୁ ଯିବ ସେ ସମୟରେ ଏହି କଥା ତା'ର ବହୁତ କାମରେ ଆସିବ।

## ଆଚାର-ବ୍ୟବହାରକୁ ସବୁବେଳେ ଗୁରୁତ୍ୱ ଦିଏ



ମୁଁ ଯେତେବେଳେ ଛୋଟ ଥିଲି, ସେତେବେଳେ ମୋ ମାମା' ପାପା ବହୁତ କିଛି ଶିଖାଇଛନ୍ତି। ଅନ୍ୟମାନଙ୍କ ପ୍ରତି ଆଚାର, ବ୍ୟବହାର କିପରି କରିବି ସେ ନେଇ ସେମାନେ ମୋତେ ଭଲ ଭାବରେ ବୁଝାଇଛନ୍ତି, ଯାହାକୁ ମୁଁ ସବୁବେଳେ ଅନୁସରଣ କରିବାକୁ ଚେଷ୍ଟା କରିଥାଏ। ପ୍ରତିଟି କଥାରେ ଏହାକୁ ମଧ୍ୟ ଗୁରୁତ୍ୱ ଦିଏ। ବଡ଼ମାନଙ୍କ ସହ କିପରି କଥାବାର୍ତ୍ତା କରିବା, ସେମାନଙ୍କୁ ଥଟ୍ଟା ନ କରିବା, କାହା ରୁମ୍‌କୁ ଯିବା ପୂର୍ବରୁ ଡୋର ନକ୍ କରିକି ଯିବା ଆଦି ବିଷୟରେ ମୁଁ ବେଶ୍ ସଚେତନ। ମୋତେ ଯଦି କାହା ଜିନିଷ ଭଲଲାଗିଲା, ତେବେ ତାଙ୍କୁ ମୁଁ ପଚାରିବା ପରେ ସେ ଜିନିଷ ନେବାକୁ ପସନ୍ଦ କରେ। କିଏ ଯଦି ଆମକୁ କିଛି ସାହାଯ୍ୟ କରୁଛି, ତେବେ ତାଙ୍କୁ ନିହାତି ଭାବରେ ଥାଙ୍କ୍ ୟୁ କହିବା ଆବଶ୍ୟକ।

**-ଶୁଭାଶିଷ ଦାଶ,** କ୍ଲାସ୍-୭, କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର

## ନିଜକୁ ସବୁଠାରେ ଖାପ ଖୁଆଇ ଚଳାଇନେବା



ମା' ମୋତେ ସଂସ୍କାର ଶିଖାଇଛି। କିପରି ବଡ଼ମାନଙ୍କୁ ସମ୍ମାନ ଦେବି। ଗୁରୁଜନମାନେ କହୁଥିବା କଥାକୁ ଶୁଣି କାମରେ ଲଗାଇବା। ଯଦି ଆମେ ଛୋଟବେଳୁ ଏସବୁ ନ ଶିଖିବା, ତେବେ ବଡ଼ ହେବା ସମୟରେ ଆମକୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ନିଜକୁ ସବୁଠାରେ ଖାପ ଖୁଆଇ ଚଳାଇ ନେବା ଦ୍ୱାରା ଆମ ଜୀବନରେ ବହୁତ ବଡ଼ ସମସ୍ୟାର ସମାଧାନ ହୋଇପାରିବ କହିଲେ କିଛି ଭୁଲ୍ ହେବନି। ମୋର ଯଦି କେଉଁ ସାଙ୍ଗ ଅସୁବିଧାରେ ଅଛି, ତାକୁ ସାହାଯ୍ୟ କରିବାକୁ ଯଥାସମ୍ଭବ ଚେଷ୍ଟା କରିଥାଏ। ଏପରି କରିବା ଦ୍ୱାରା ମୋତେ ଖୁସି ଲାଗେ। ମୁଁ ଯଦି କିଛି ଭୁଲ୍ କରିଦେଇଥାଏ, ତାକୁ ମୁଁ ମାନିନିଏ ଓ ସରି ମଧ୍ୟ କୁହେ।

**- ଲକ୍ଷ୍ମୀପ୍ରିୟା ସ୍ୱାଇଁ,** କ୍ଲାସ୍-୧୦, ବ୍ରାହ୍ମଣସାଇଲୋ ହାଇସ୍କୁଲ୍, କଣ୍ଟାପଡ଼ା, କଟକ

## ପରିହାସ କରନ୍ତୁ ନାହିଁ

କାହାକୁ ଦେଖି ତାଙ୍କୁ ପରିହାସ କରିବା କେତେକ ପିଲାଙ୍କର ଅଭ୍ୟାସ। ପିଲାଦିନର ଏହି ଅଭ୍ୟାସ ବଡ଼ ହେଲେ ତା' ପାଇଁ ଅଯଥା ସମସ୍ୟାକୁ ଡାକି ଆଣିଥାଏ। ତେଣୁ ପିଲାଟି ଦିନରୁ ତାକୁ ଏ ବିଷୟରେ ସଚେତନ କରାଇଦେବା ଭଲ।

## ସଫାସୁତୁରା ପ୍ରତି ଗୁରୁତ୍ୱ ଦିଅନ୍ତୁ

ସଫାସୁତୁରା ରହିବା ପାଇଁ ପିଲାକୁ ଶିଖାନ୍ତୁ। ଯେତେବେଳେ ଛିଙ୍କ କାଶ ଆସୁଛି ସେତେବେଳେ ମୁହଁରେ ରୁମାଲ୍ ନଚେତ ହାତ ଦେଇ ଛିଙ୍କିବା କିମ୍ବା କାଶିବାକୁ କୁହନ୍ତୁ।





୧



୨



୩



୭



୪



୫



୬



ସାଇ ଶିବେଶ ବେହେରା
କ୍ଲାସ୍-୪, କାର୍ମେଲ ସ୍କୁଲ, ରାଉରକେଲା
୧



ଭାଗ୍ୟଶ୍ରୀ ସାହୁ
କ୍ଲାସ୍-୧, କାର୍ମେଲ ଇଂଲିଶ ମିଡିୟମ୍ ସ୍କୁଲ, ଖୋର୍ଦ୍ଧା
୨



ପରାଗ ସାଇ କର
କ୍ଲାସ୍- ୫, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର
୩



ଶ୍ରୀଜିତା ମିଶ୍ର
କ୍ଲାସ୍-୮, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର
୪



ଶିବସାଇ ଦାସ
କ୍ଲାସ୍-୮, ସରକାରୀ ହାଇସ୍କୁଲ, ମହିଳୋ, ଜଗତସିଂହପୁର
୫



ଦିବ୍ୟାଶ୍ରୀ ମଙ୍ଗରାଜ
କ୍ଲାସ୍-୯, ପଞ୍ଚାୟତ ହାଇସ୍କୁଲ, ମହୁଲ, ଖୋର୍ଦ୍ଧା
୬



ତାନଭି ମିଶ୍ର
କ୍ଲାସ୍-୨, ଜନଗଣ ମନ ସ୍କୁଲ, ଡୋମ୍ବିଭିଲି, ମୁମ୍ବାଇ
୭



ସାଇ ସଂପୂର୍ଣ୍ଣା ସାହୁ
କ୍ଲାସ୍-୨, ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର
୮



୮




## ବଗିଚାବୁଲା

ଠେକୁଆ ଛୁଆଟି ମାଆ ସଙ୍ଗେ ଆଜି
ବଗିଚାକୁ ଯିବ ବୁଲି
ଅସରନ୍ତି ଖୁସି ମନରେ ତାହାର
ଖାଇବା ଗଲାଣି ଭୁଲି ।
ଫୁଙ୍କୁଫୁଙ୍କୁ ଡେଇଁ ଡେଇଁକା ଦେଖିଲା
କେତେ ରକମର ଫୁଲ
ସୁନ୍ଦର ଯେତିକି ବାସନା ସେତିକି
କେହି ନୁହେଁ ତାର ତୁଲ ।
ଫୁଲ ନାଆଁ ସବୁ ପଚାରି ବୁଝିଲା
ରଙ୍ଗ ନାଆଁ ବୁଝୁଥିଲା
ଟଗର ମନ୍ଦାର ଗୋଲାପ ସେବତୀ
ମନ ତା'ର ମୋହୁଥିଲା ।
ଧଳା ନାଲି ନେଳି ହଳଦିଆ ସବୁ
ନିରେଖି ସେ ଦେଖୁଥିଲା
ସବୁଜ ପତର ସବୁଠାରେ ଦେଖି
ଭାରି ଖୁସି ହେଉଥିଲା ।
ଅପରାଜିତାର ବାଇଗଣି ରୂପ
ନାରଙ୍ଗିର ନାନା ଫୁଲ
ମାଆ ମାଟି ରଙ୍ଗ ରଙ୍ଗେଇ ଦେଇଛି
ସୁନ୍ଦରକୁ କରି ଠୁଳ ।

**– ପ୍ରବାସିନୀ ମିଶ୍ର**
ପୁରୀ, ମୋ: ୯୯୩୮୪୯୬୪୧୬

## ଗୁଡ଼ି

ସୁଲୁସୁଲୁ ବାଆ ଝୁମୁର ଝାଇଁ
ଗୁଡ଼ି ମୋ ଉଡୁଛି ସାଇଁ ସାଇଁ ।
ଗୁଡ଼ିଟି ମୋହର ରଙ୍ଗ ରଙ୍ଗିଆ
ଦେଖିଲେ ଦୂରୁ ଲାଗେ ବଢ଼ିଆ ।
ନଟେଇରୁ ସୂତା ଗଲେ ଯେ ଖସି
ଲୋଟଣି ଖାଇ ଉଠୁଛି ବେଶି ।
ଆକାଶ କୋଳରେ ଗାଉଛି ଗୀତ
ଗୁଡ଼ିଟି ମୋହର ପରାଣ ମିତ ।
ଆସ ସାଙ୍ଗସାଥି ସଭିଏ ମିଶି
ଉଡ଼ାଇବା ଗୁଡ଼ି ହୋଇଣ ଖୁସି ।

**– ରାହାସ କୁମାର ବେହେରା**
ବାଲ୍ୟମ୍ବା ,ଭାପୁର, ଢେଙ୍କାନାଳ
ମୋ : ୯୪୩୮୧୧୪୩୬୮

## ହଳଦୀବସନ୍ତ

ଦେଖିଲା ଲୀନୁ ମହୁଲ ବଣେ
ବସିଛି ଏକ ପକ୍ଷୀ
କଳା ହଳଦୀ ରଙ୍ଗ ଯେମିତି
ଦେହେ ହୋଇଛି ମାଖି ।
ଡାଳକୁ ଡାଳ ଉଡି ବୁଲୁଛୁ
ଖାଉଛୁ ମିଠା ଫଳ
ଦୂର ଆକାଶେ ଉଡ଼ିଉଡ଼ିକା
ଖେଳୁଛୁ କେତେ ଖେଳ ।
କିଚିରି ମିଚିରି ହୋଇ ଗାଉ ଗୀତ
ମନ ତୁ କିଣି ନେଉ
ହଳଦୀ ରଙ୍ଗ ରୂପରେ ତୋର
ସଭିଙ୍କୁ ମୋହି ଥାଉ ।
ଆସିବୁ ଯଦି ଆ ମୋ ପାଶେ
ଦେବି ସାକର ଆଣି
ଖାଇବୁ ବସି ମୋ ସାଥିରେ
ପିଇ ଝରଣା ପାଣି ।
ଘରକୁ ନେଇ ଖେଳିବି ନୀତି
ତୋ ସାଥିରେ ଦୋଳି
ଅଝଟ ହେଲେ ଟିକି ହାତରେ
ଆଣିବି କୋଳି ତୋଳି ।

**– ନଳିନୀ ଦାଶ**
ଶରଣକୁଳ, ଭିକାରିପଡା, ନୟାଗଡ଼
ମୋ: ୬୩୭୦୦୯୫୨୪୧



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## ଲିପ୍‌ବାମ୍ ସଂଗ୍ରାହକ

ନିଜ ପ୍ରିୟ ଜିନିଷ ଗୋଟିଗୋଟି କରି ସାଇତି ରଖିବାର ଅଭ୍ୟାସ କେତେବେଳେ ସଉକରେ ପରିଣତ ହୋଇଯାଏ ଜାଣି ହୁଏନାହିଁ। ସେହିପରି ହଂକଂର ୬ବର୍ଷର ଝିଅ ସ୍କାରଲେଟ୍ ଚେଙ୍ଗ୍ ତିନିହଜାରରୁ ଅଧିକ ଲିପ୍‌ବାମ୍ ସାଇତି ରଖି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ସ୍କାରଲେଟ୍ ଏବଂ ତାଙ୍କ ଆଠ ବର୍ଷର ଭଉଣୀ କେଲ୍ୟାନ୍ ଦୁହେଁ ମିଶି ଆଜି ଯାଏ ୩୩୮ଟି ଲିପ୍‌ବାମ୍ ସଂଗ୍ରହ କରିଛନ୍ତି। ସବୁ ଦେଶର ଲିପ୍‌ବାମ୍ ତାଙ୍କ ପାଖରେ ଅଛି। ସ୍କାରଲେଟ୍ କୁହନ୍ତି, ଛୋଟବେଳୁ ଓଠ ଶୁଖିଲା ରହିବା କାରଣରୁ ତାଙ୍କ ମାଆବାପା ଏବଂ ଜେଜେମାଆ ଲିପ୍‌ବାମ୍ ଲଗାଉଥିଲେ। ଜେଜେମାଆ କିଣିଦେଇଥିବା ଲିପ୍‌ବାମ୍‌ରୁ ସେ ଲିପ୍‌ବାମ୍ ସଂଗ୍ରହ କରିବା ଆରମ୍ଭ କରିଥିଲେ, ଯାହା ପରିବାର ଲୋକଙ୍କ ସାହାଯ୍ୟରେ ଏବେ ୩୩୮ଟିରେ ପହଞ୍ଚିଛି। ପୂର୍ବରୁ ବ୍ୟବହାର କରୁଥିବା ଲିପ୍‌ବାମ୍‌ରେ କୌଣସି ଫ୍ଲେଭର ନ ଥିଲା, କିନ୍ତୁ ଏବେ ବିଭିନ୍ନ ଫ୍ଲେଭର୍ ଥିବା ଲିପ୍‌ବାମ୍ ସେ କିଣୁଛନ୍ତି। ତେବେ ସଂଗ୍ରହ ଛଡ଼ା ସ୍କାରଲେଟ୍ ଓ ତାଙ୍କ ଭଉଣୀ କେଲ୍ୟାନ୍ ଘରେ ଅର୍ଗାନିକ୍ ଲିପ୍‌ବାମ୍ ତିଆରି କରନ୍ତି ଏବଂ ସେଗୁଡିକୁ ପରିବାର ଓ ସାଙ୍ଗଙ୍କୁ ଉପହାର ଦିଅନ୍ତି।




## ଏଥରର

- ସୁଭାଷ ବୋଷ କଟକର କେଉଁ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ ?
- ସେ କେତେ ତାରିଖରେ ଜନ୍ମଗ୍ରହଣ କରିଥିଲେ ?
- ସେ କେଉଁ ସ୍କୁଲ୍‌ରୁ ମାଟ୍ରିକ୍ ପାସ୍ କରିଥିଲେ ?
- ତାଙ୍କ ପିତାଙ୍କ ନାମ ?
- ଭାରତୀୟ ଜାତୀୟ କଂଗ୍ରେସର ସେ କେତେ ଥର ସଭାପତି ହୋଇଥିଲେ ?




## ଗତଥରର

- ଅମୃତର ସନ୍ତାନ
- ରମାଦେବୀ ଚୌଧୁରୀ
- ଡେପୁଟି କଲେକ୍ଟର
- ବରି
- ସ୍ୱରାଜ ଆଶ୍ରମ



## କହିଲ ଦେଖି

ଧନ ସମ୍ପଦ ମୁଁ ରଖଇ ନାହିଁ
ବାକସ ନାମରେ ଗଣା ହୁଅଇ,
ଭଳି ଭଳି ଯନ୍ତ୍ର ସାଇତି ଥାଏ
ଗଣିତ ପାଠରେ ଲୋଡ଼ା ମୁଁ ହୁଏ,
ଲେଖିବା ଟାଣିବା ମାପ କରିବା
ମୁଁ ନ ଥିଲେ ଛାତ୍ର ହୁଅଇ କାବା,
ପାଠ ମୁଣି ମଧ୍ୟେ ମୋହର ସ୍ଥାନ
ମୋର ନାମ କହି ବଢ଼ାଅ ମାନ ।

**ଉତ୍ତର– ଜ୍ୟାମିତିବାକ୍ସ**




ରଙ୍ଗ ବେରଙ୍ଗ ମୋ ଦେହଟି ସାରା
ଭିତରେ ଥାଏ ମୁଁ ନ ଦେଇ ଧରା,
କାଟି କାଟି ମୋର ପାଖକୁ ଆସ
ଲେଖିବା ଆଙ୍କିବା ହେବ ସରସ,
କେବେ କଳା କେବେ ରଙ୍ଗିନ ମୁହିଁ
ବାଛି ବାଛି କାମେ ଲଗାଅ ନେଇ,
କହିଲ ପିଲାଏ ମୋ ନାମ କିସ
କହିଲେ ପାଇବ ଅନେକ ଯଶ ।

**ଉତ୍ତର– ପେନ୍‌ସିଲ**



ନାହିଁ ମୋ ଜୀବନ ଥାଏ ମୁଁ ପଡ଼ି
ଦେଢ଼ ଗୋଡ଼ିଆ ମୁଁ ଘର ମୋ ପେଡ଼ି,
ଅଧା ଗୋଡ଼େ ମୁହିଁ ଥାଏ କାଖେଇ
ନାନାକାର ଚିତ୍ର ଆଙ୍କି ପାରଇ,
ଗଣିତ ପାଠେ ମୋ ଥାଏ ଆଦର
କହି ଦିଅ ବନ୍ଧୁ ନାମଟି ମୋର ।

**ଉତ୍ତର– କମ୍ପାସ**

ଦୁଇଟି ମୁନିଆଁ ପାଦ ମୋ ଥାଏ
ଦୁଇ ବିନ୍ଦୁ ମଧ୍ୟେ ଦୂରତା କହେ,
ହେଉ ବଡ଼ ଅବା ହେଉ ସେ ଛୋଟ
ସଠିକ ମାପ ମୋ ସତ ନିରାଟ,
କହିପାରିବ ଯେ ମୋର ନାମକୁ
ନିଶ୍ଚୟ ସାହାଯ୍ୟ କରିବି ତାକୁ ।

**ଉତ୍ତର– ଡିଭାଇଡର**

**– ଟଙ୍କଧର ଶତପଥୀ**
ସୁନ୍ଦରପାଳ, ଅନୁଗୋଳ, ମୋ: ୯୯୩୮୨୬୪୪୭୬

# ଜଣା ଅଜଣା

## କୁଜ ନ ଥିବା ଓଟ

ପିଲାମାନେ, ଓଟ ବିଷୟରେ ଅଳ୍ପ ବହୁତ ଜାଣିଥିବ, କିନ୍ତୁ ଏପରି ଓଟ ଅଛି, ଯାହାର କୁଜ ନାହିଁ। ଏମାନେ ହେଉଛନ୍ତି ଲାମା ପ୍ରଜାତିର ଓଟ। ଆଉ ଏମାନଙ୍କର କୁଜ ନ ଥାଏ। ଏମାନଙ୍କ ଉଚ୍ଚତା ସାଧାରଣ ଓଟଠୁ କମ୍। ଛୋଟ ଲାଞ୍ଜ ବିଶିଷ୍ଟ ଏହି ଓଟଙ୍କର ଉଚ୍ଚତା ପ୍ରାୟ ୩-୪ ଫୁଟ୍ ହୋଇଥାଏ। ଏମାନଙ୍କ ରଙ୍ଗ ସାଧାରଣତଃ କଳା ଓ ଧଳା। ଏମାନେ ଜଙ୍ଗଲରେ ରହିବାକୁ ଅଧିକ ପସନ୍ଦ କରନ୍ତି। ଏଥିଯୋଗୁ ଏମାନଙ୍କୁ କେତେକେ ଜଙ୍ଗଲର ଜାଗ୍ରତପ୍ରହରୀ କହିଥାନ୍ତି। କୌଣସି ଶତ୍ରୁଙ୍କୁ ଦେଖିଲେ ରଡ଼ି କରି ସୂଚନା ଦେଇଥା'ନ୍ତି। ଏଭଳି ପ୍ରଜାତିର ଓଟ ବଲିଭିଆ, ପେରୁ, କଲମ୍ବିଆ, ଚିଲି ଓ ଆର୍ଜେଣ୍ଟିନା ଆଦି ସ୍ଥାନରେ ଦେଖିବାକୁ ମିଳନ୍ତି।



## ସବୁଠୁ ବଡ଼ ବୀଣା

ଭାରତରତ୍ନ ଲତା ମଙ୍ଗେସ୍‌କରଙ୍କ ସ୍ମୃତିରେ ଉତ୍ତରପ୍ରଦେଶର ଅଯୋଧ୍ୟାସ୍ଥିତ ରାମନଗରୀଠାରେ ଏକ ବୀଣା ସ୍ଥାପନ କରାଯାଇଛି। ଏହାର ଲମ୍ବ ୪୦ଫୁଟ୍, ୧୨ମିଟର ଉଚ୍ଚତା ଏବଂ ଓଜନ ୧୪ଟନ। ଏହି ବୀଣାକୁ ଦେଖିବା ଲାଗି ଏଠାକୁ ବହୁ ପର୍ଯ୍ୟଟକ ଆସୁଛନ୍ତି। ଏହି ବୀଣାରେ ମା' ସରସ୍ୱତୀଙ୍କର ଏକ ଚିତ୍ର ମଧ୍ୟ ରହିଛି। ଏହାକୁ ନିର୍ମାଣ କରିବାକୁ ଦୁଇମାସ ସମୟ ଲାଗିବା ସହିତ ୭୯କୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଛି। ଏହା ବ୍ୟତୀତ ଏହି ସ୍ଥାନର ଚତୁଃପାର୍ଶ୍ୱରେ ପଥରର ୯୨ଟି ପଦ୍ମଫୁଲ ମଧ୍ୟ ନିର୍ମିତ ହୋଇଛି।





## ଜୁଳୁଜୁଳିଆ ପୋକର ରହସ୍ୟ

ରାତିର ଅନ୍ଧକାରରେ ଆଲୋକିତ ହେଉଥିବା ପୋକଟିକୁ ସାଧାରଣତଃ ଜୁଳୁଜୁଳିଆ ପୋକ ବୋଲି କହିଥାଉ। ୧୬୬୭ରେ ଏହାକୁ ବୈଜ୍ଞାନିକ ରବର୍ଟ ବାୟଲ ଆବିଷ୍କାର କରିଥିଲେ। ଅନେକେ କହୁଥିଲେ ଏହି ପୋକ ଶରୀରରେ ଫସ୍‌ଫରସ୍ ଥିବା ଯୋଗୁ ସେ ଜଳିଥାଏ। କିନ୍ତୁ ଏହାକୁ ଭୁଲ୍ ପ୍ରମାଣିତ କଲେ ବାୟଲ। ଲ୍ୟୁସିଫେରସ ନାମକ ପ୍ରୋଟିନ୍ ଯୋଗୁ ଏହା ଆଲୋକ ପ୍ରଦାନ କରିଥାଏ। ଏହି ପୋକରୁ ବାହାରୁଥିବା ଆଲୋକ ବିଭିନ୍ନ ରଙ୍ଗ- ସବୁଜ, ହଳଦିଆ, ଲାଲ ଆଦି ହୋଇଥାଏ। ଦିନ ସମୟରେ ଚକମକ ହୋଇଥିଲେ ସୁଦ୍ଧା ଦିନ ଆଲୋକରେ ଏତେ ଜଣାପଡ଼ି ନ ଥାଏ। ସେଥିପାଇଁ ଏହି ପୋକ ଶରୀରରୁ ବାହାରୁଥିବା ଆଲୋକ ରାତିରେ ହିଁ ଜଣାପଡ଼ିଥାଏ। ଏମାନେ ଦୁଇଡେଣା ବିଶିଷ୍ଟ ହୋଇଥା'ନ୍ତି। ଏହି ପୋକ ଜଙ୍ଗଲର ଗଛ ଛାଲି ଭିତରେ ଅଣ୍ଡା ଦେଇଥା'ନ୍ତି। ଉକ୍ତ ପୋକର ଆଲୋକର ଆଉ ଗୋଟେ କାରଣ ହେଲା ଖାଦ୍ୟ ସନ୍ଧାନ। ବିଶେଷଭାବରେ ଏହି ପୋକ ରାତିରେ ଖାଦ୍ୟ ସଂଗ୍ରହ କରିଥାନ୍ତି।

## ଉଡନ୍ତା କାର୍

ସାଧାରଣତଃ ଆମେ ଗାଡ଼ି ରାସ୍ତାରେ ଚାଲୁଥିବାର ଦେଖିଛେ। କିନ୍ତୁ ଏବେ ଚାଇନାର 'ଏକ୍ସପେଙ୍ଗ' ନାମକ କାର କମ୍ପାନୀ ଏଭଳି ଏକ କାର ନିର୍ମାଣ କରିଛି, ଯାହା ଆକାଶରେ ସହଜରେ ଉଡ଼ି ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବ। ଏହି ଗାଡ଼ିରେ ଦୁଇଜଣ ବସିପାରିବେ। ଏହି କାରର ବିଶେଷତ୍ୱ ହେଲା ଏହା ଉଡୁଥିବା ସମୟରେ ଏଥିରୁ ଆଦୌ କାର୍ବୋନ ଡାଇଅକ୍‌ସାଇଡ ନିର୍ଗତ ହୋଇ ନ ଥାଏ। ଏହି କାର୍‌ର ଘଣ୍ଟା ପ୍ରତି ୧୩୦ କିଲୋମିଟର ବେଗରେ ଯିବାର କ୍ଷମତା ରହିଛି।



# ଆ ଇ ନା



ଦିବ୍ୟାଂଶା ପଣ୍ଡା
୯ ବର୍ଷ, ଭୁବନେଶ୍ୱର



ଦିବ୍ୟାଂଶୀ ନାୟକ
୧୦ ବର୍ଷ, ଭଦ୍ରକ